## ସଂକ୍ଷେପରେ

### କାଳବୈଶାଖୀ ପରେ ବିଦ୍ୟୁତ୍ ବିଭ୍ରାଟ

**ପରଜଙ୍ଗ, ୧୬।୬(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକରେ ଗତ ବୁଧବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ହୋଇଥିବା ଝଡ଼ତୋଫାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଭିନ୍ନ ସ୍ଥାନରେ ତାର ଛିଣ୍ଡି ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ଫଳରେ ବାମ, କଣ୍ଟାପାଳ, କେରଜୋଳି ପଞ୍ଚାୟତ ୨୪ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ହେଲା ଅନ୍ଧାରରେ ରହିଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଥିବାବେଳେ ବିଦ୍ୟୁତ୍ ବିଭ୍ରାଟରେ ଲୋକମାନେ ଡହଳବିକଳ ହେଉଛନ୍ତି। ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବିଦ୍ୟୁତ୍ ସେବା ଠପ୍ ହୋଇଯାଇଥିବାରୁ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି। ଏ ନେଇ କନିଷ୍ଠ ଯନ୍ତ୍ରୀ ଦୁଷ୍ମନ୍ତ କୁମାର ରାଏ କୁହନ୍ତି, ମରାମତି କାମ ଚାଲିଛି। ଖୁବ୍‌ଶୀଘ୍ର ବିଦ୍ୟୁତ୍ ସେବା ସ୍ୱାଭାବିକ ହେବ।

### ସ୍ୱାମୀ ତ୍ରିଗୁଣାନନ୍ଦ ସରସ୍ୱତୀଦେବଙ୍କ ଜୟନ୍ତୀ



**ଭୁବନ, ୧୬।୬(ଡି.ଏନ.ଏ.)** ଢେଙ୍କାନାଳ ଜିଲା ଭୁବନ ବ୍ଲକ ଭୂଷଳ ଶାନ୍ତି ଆଶ୍ରମ ପରିସରରେ ସ୍ୱାମୀ ତ୍ରିଗୁଣାନନ୍ଦ ସରସ୍ୱତୀଦେବଙ୍କ ୧୦୫ତମ ଜୟନ୍ତୀ ଉତ୍ସବ ଦୁଇଦିନ ଧରି ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଆଧାତ୍ମିକ ପ୍ରବଚନ, ନାମସଂକୀର୍ତ୍ତନରେ ରାଜ୍ୟ ସମେତ ରାଜ୍ୟ ବାହାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ନଗର ପରିକ୍ରମା ସାଙ୍ଗକୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି ଦୁଇଦିନିଆ କାର୍ଯ୍ୟକ୍ରମକୁ ଆଶ୍ରମର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

### ଯୁବକଙ୍କ ଉନ୍ମତ୍ତକାଣ୍ଡ: ବ୍ଲେଡ୍‌ରେ କାଟିଲେ ବେକ, ହାତ

**ପରଜଙ୍ଗ, ୧୬।୬(ଡି.ଏନ.ଏ.)** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କେରଜୋଳି ପଞ୍ଚାୟତ ସରବେରଣୀ ଗ୍ରାମରେ ଜଣେ ଯୁବକ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ବୁଧବାର ରାତିରେ କୌଣସି କାରଣରୁ ସେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଯୁବକ ଜଣକ ଏକ ବ୍ଲେଡ୍‌ରେ ନିଜ ବେକ, ହାତ ସମେତ ଶରୀରର ବିଭିନ୍ନ ଅଙ୍ଗକୁ କାଟିପକାଇଛନ୍ତି। ପରିବାର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ମେଡିକାଲକୁ ନେଇ ଆସିଥିଲେ। ଅଧିକ ରକ୍ତସ୍ରାବ ଯୋଗୁ ତାଙ୍କ ଅବସ୍ଥା ଗୁରୁତର ରହିଛି। ତେବେ କେଉଁ କାରଣରୁ ସେ ଏଭଳି ପଦକ୍ଷେପ ନେଲେ, ତାହା ଅସ୍ପଷ୍ଟ ରହିଛି। ପ୍ରେମଜନିତ କାରଣରୁ ଯୁବକଜଣକ ଏଭଳି କାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି।

# ଦୁଇବର୍ଷରେ ଦୟନୀୟ

**ବିପିନ ବିହାରୀ ସେଠୀ**
**ଭୁବନ, ୧୬।୬(ଡି.ଏନ୍.ଏ.)**



କେଉଁଠି ଭାଙ୍ଗିପଡ଼ିଛି କଳକବ୍ଜା ତ ଆଉ କେଉଁଠି ଚୋରି ହୋଇଗଲାଣି ଯନ୍ତ୍ରାଂଶ। ଦୁଇବର୍ଷ ତଳେ ଯେଉଁ ବ୍ୟାୟାମଶାଳାରେ ସକାଳେ ସଞ୍ଜରେ ଅସମ୍ଭବ ଭିଡ଼ ହେଉଥିଲା, ଏବେ ସେହି ସ୍ଥାନ ଖାଁ ଖାଁ। ହାତଗଣତି ଲୋକ ଆସୁଛନ୍ତି। ଯେଉଁମାନେ ଆସୁଛନ୍ତି, ଘଣ୍ଟାଏ ଅଧଘଣ୍ଟା ଭିତରେ ପଳାଉଛନ୍ତି। ପରିଚାଳନା ଅଭାବରୁ ମାତ୍ର ଦୁଇବର୍ଷ ମଧ୍ୟରେ ଏଭଳି ଦୟନୀୟ ସ୍ଥିତିରେ ପହଞ୍ଚିଯାଇଛି ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ୧ନଂ. ୱାର୍ଡରେ କରାଯାଇଥିବା ଓପନ୍ ଜିମ୍। କରୋନା ମହାମାରୀ ପୂର୍ବରୁ ଭୂରିଭୂରି ପ୍ରଶଂସା ସାଉଁଟୁଥିବା ଜିମ୍‌ର ଏଭଳି ଅବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ସହରର ଯୁବପିଢ଼ି ଏବଂ ବୟୋଜ୍ୟେଷ୍ଠ।

ସୁସ୍ଥ ରହିବେ ସହରବାସୀ। ସୈନ୍ୟବାହିନୀରେ ଯୋଗଦେବାକୁ ଆଶାୟୀ ଯୁବକମାନେ ସୁବିଧାରେ ବ୍ୟାୟାମ କରିବେ। ବୟୋଜ୍ୟେଷ୍ଠମାନେ ନେଇପାରିବେ ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣର ମଜା। ଏଭଳି କିଛି ମହତ୍ ଉଦ୍ଦେଶ୍ୟ ରଖି ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ୧ନଂ. ୱାର୍ଡ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଏନ୍‌ଏସି ପକ୍ଷରୁ ଦୁଇବର୍ଷ ତଳେ ଖୋଲିଥିଲା ଓପନ୍ ଜିମ୍। ଏଥିରେ ଖର୍ଚ୍ଚ ହୋଇଥିଲା ସର୍ବମୋଟ ୨୨ ଲକ୍ଷ ଟଙ୍କା। ତନ୍ମଧ୍ୟରୁ ୭ ଲକ୍ଷ ଟଙ୍କା ନିର୍ମାଣ କାର୍ଯ୍ୟରେ ଏବଂ ଅବଶିଷ୍ଟ ୧୫ ଲକ୍ଷ ଟଙ୍କାରେ ବିଭିନ୍ନ ବ୍ୟାୟାମ ଉପକରଣ କିଣାଯାଇଥିଲା। ଏଥିସହ ମହିଳା ଓ ପୁରୁଷଙ୍କ ଲାଗି ପୃଥକ୍ ଶୌଚାଳୟ ମଧ୍ୟ ନିର୍ମାଣ କରାଯାଇଥିଲା। ସହରରେ ଥିବା ବେସରକାରୀ ଜିମ୍‌ରେ ଯୁବପିଢ଼ି ବ୍ୟାୟାମ କରୁଥିବାବେଳେ ଏଥିଲାଗି

> ■କାମରେ ଆସୁନି ଓପନ୍ ଜିମ୍
> ■ଭାଙ୍ଗିରୁଜି ଗଲାଣି ଉପକରଣ
> ■ଆରମ୍ଭରୁ ଖୋଲିନି ଶୌଚାଳୟ ତାଲା

ମାସିକ ଶୁଳ୍କ ଦେବାକୁ ପଡୁଥିଲା। ତେବେ ଓପନ୍ ଜିମ୍ ନିଃଶୁଳ୍କ ହୋଇଥିବାରୁ ଛୋଟ ପିଲାଙ୍କଠାରୁ ବୟସ୍କ ଯାଏ ଏହି ମୁକ୍ତ ବ୍ୟାୟାମଶାଳା ମୁହାଁ ହୋଇଥିଲେ। ବିଶେଷ କରି ବରିଷ୍ଠମାନଙ୍କ ପାଇଁ ଏହା ପାଲଟିଥିଲା ଅବସର ବିନୋଦନର ମାଧ୍ୟମ। କିନ୍ତୁ ନିର୍ମାଣର ମାତ୍ର ଦୁଇବର୍ଷ ମଧ୍ୟରେ ଅବ୍ୟବହୃତ ହୋଇପଡ଼ିଛି ଏହି ମୁକ୍ତାକାଶ ବ୍ୟାୟାମଶାଳା। କରୋନା ସମୟରେ ସଂକ୍ରମଣ ପାଇଁ ଏହା ଦୀର୍ଘଦିନ ଧରି ବନ୍ଦ ରହିଲା। ଏହାର ସୁଯୋଗରେ ଉପକରଣଗୁଡ଼ିକ ଚୋରି ହୋଇଯାଇଛି। ରକ୍ଷଣାବେକ୍ଷଣା ଅଭାବରୁ କେତେକ ଭାଙ୍ଗିରୁଜି ଯାଇ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ତେଣୁ ବ୍ୟାୟାମଶାଳାକୁ ଆସିବାକୁ ମୁହଁ ଫେରାଉଛନ୍ତି ଲୋକେ।

ଅନ୍ୟପଟେ ଶୌଚାଳୟ ଦୁଇଟି ଆରମ୍ଭରୁ ତାଲା ପଡ଼ିଛି। ଫଳରେ ସକାଳେ ୱାକିଂ କରିବାକୁ ଆସୁଥିବା ଯୁବତୀଯୁବକମାନେ ଶୌଚ, ପରିସ୍ରା କରିବା ଲାଗି ଅସ୍ୱାଭାବିକ ସ୍ଥିତିରେ ପଡୁଛନ୍ତି। ଅନେକ ସମୟରେ ଗଛ ଆଢୁଆଳରେ ପରିସ୍ରା କରିବାକୁ ବାଧ ହେଉଛନ୍ତି। ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଶୌଚାଳୟ ଖୋଲିବା, ଉପକରଣଗୁଡ଼ିକର ଯନ୍ତ୍ରାଂଶ ଲଗାଇ କାର୍ଯ୍ୟକ୍ଷମ କରିବା ନେଇ ଆନ୍ତରିକତା ଦେଖିବାକୁ ମିଳୁନାହିଁ। ଏହାକୁ ନେଇ କ୍ରୀଡ଼ାବିତ୍, ବରିଷ୍ଠ ନାଗରିକ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

**ଖୁବ୍‌ଶୀଘ୍ର ମରାମତି କରାଯିବ**



" ଅଳ୍ପଦିନ ହେଲା କାର୍ଯ୍ୟଭାର ଗ୍ରହଣ କରିଥିବାରୁ ସମସ୍ୟା ସମ୍ପର୍କରେ ଅବଗତ ହୋଇପାରିନାହିଁ। ପ୍ରକୃତରେ କ'ଣ ହୋଇଛି, ତାହାର ତଦନ୍ତ କରାଯିବ। ଭାଙ୍ଗିପଡ଼ିଥିବା ଉପକରଣଗୁଡ଼ିକର ମରାମତି କରାଯାଇ ଖୁବ୍‌ଶୀଘ୍ର ଓପନଜିମ୍‌କୁ ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ କରାଯିବ।

-ଶ୍ୟାମସୁନ୍ଦର ସାହୁ, ନିର୍ବାହୀ ଅଧିକାରୀ

**ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି**



" ଉପକରଣଗୁଡ଼ିକ ଭାଙ୍ଗିରୁଜି ଯାଇଥିବାରୁ ଓପନ୍ ଜିମ୍ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଶୌଚାଳୟରେ ତାଲା ଖୋଲୁନି। ଏନ୍‌ଏସି ବୈଠକରେ ଏହି ସମସ୍ୟା ଉପସ୍ଥାପନ କରାଯିବ। ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

-ଗିରିଧାରୀ ସାହୁ, କାଉନ୍‌ସିଲର

**ସୁସ୍ଥ ରହିବାର ମାଧ୍ୟମ ସାଜିଥିଲା**



" ଓପନ୍ ଜିମ୍ ସାଜିଥିଲା ସୁସ୍ଥ ରହିବାର ମାଧ୍ୟମ। ଦୈନିକ ୨ ଘଣ୍ଟା ସେଠାରେ ବ୍ୟାୟାମ କରିବାର ସୁଯୋଗ ସୃଷ୍ଟି ହୋଇଥିଲା। ଏହାର ରକ୍ଷଣାବେକ୍ଷଣ ପାଇଁ ଏନ୍‌ଏସି ନିକଟରେ ଅର୍ଥ ରହିଛି। ହେଲେ କର୍ମଚାରୀ ନିଯୁକ୍ତି କରାଯାଉ ନ ଥିବାରୁ ଏହାର ପରିଚାଳନା ଠିକ୍ ଭାବେ ହୋଇପାରୁନାହିଁ।

-ନୃସିଂହ ଚରଣ ସାହୁ, ବରିଷ୍ଠ ନାଗରିକ

**ପୁନରୁଦ୍ଧାର ହେଲେ କ୍ରୀଡ଼ାବିତ୍ ଉପକୃତ ହେବେ**



" ଓପନ ଜିମ୍‌ରେ ବ୍ୟାୟାମ କରି ସାରିବା ପରେ ଫୁଟ୍‌ବଲ ଖେଳ ଅଭ୍ୟାସ କରିବାକୁ ଯାଉଥିଲି। ଅଭ୍ୟାସ ପରେ କିଛି ସମୟ ଓପନ ଜିମ୍‌ରେ ବିତାଉଥିଲି। ହେଲେ ଏବେ ଏହା ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଏହାର ପୁନରୁଦ୍ଧାର ହେଲେ କ୍ରୀଡ଼ାବିତ୍ ଉପକୃତ ହେବେ।

ସନ୍ତୋଷ କୁମାର ବେହେରା, ଫୁଟ୍‌ବଲ ଖେଳାଳି

## ବ୍ଲକ ସଙ୍ଗଠନ ସଜାଡ଼ିବାକୁ ନିଷ୍ପତ୍ତି



ବୈଠକରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଜିଲା ଶାଖାର କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୬।୬**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଢେଙ୍କାନାଳ ଜିଲା ଶାଖାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସଭାପତି ସନ୍ତୋଷ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କେତେକ ବ୍ଲକରେ ସାଙ୍ଗଠନିକ ସ୍ଥିତି ସଜାଡ଼ିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଜିଲା ସମ୍ପାଦକ ବିଭୂତି ସାମଲ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଅବିକଳ ୭ମ ବେତନ କମିଶନ ହାରରେ ଦରମା ପ୍ରଦାନ କରିବା ଲାଗି ନିକଟରେ ରାଜ୍ୟସ୍ତରୀୟ ଆନ୍ଦୋଳନ ହୋଇଥିଲା। ଏଥିରେ ଜିଲାରୁ ବିପୁଳ ସଂଖ୍ୟାରେ ସଂଘ ସଦସ୍ୟ ଯୋଗଦେଇଥିଲେ। ଏଥିଲାଗି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ୬୧୦–୪୮ ବର୍ଗ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବକେୟା ବେତନ ସହ ସରକାରୀକରଣ ନିମନ୍ତେ ରାଜ୍ୟ ନେତୃବୃନ୍ଦଙ୍କୁ ଜଣାଇବା ପାଇଁ ସ୍ଥିର କରାଯାଇଛି। ସରକାରୀ ଏବଂ ଅନୁଦାନପ୍ରାପ୍ତ ସ୍କୁଲ ଶିକ୍ଷକ କର୍ମଚାରୀଙ୍କ ବକେୟା ପାଇବାରୁ ବଞ୍ଚିତ ହୋଇ ରହିଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ବିନୋଦ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ଅଶ୍ୱିନୀ ରାୟ, ସୁବାସ ସାହୁ, ସଦାନନ୍ଦ ସାହୁ, ସୁରେଶ ପରିଡ଼ା, ଦୀପ୍ତିମୟୀ ସାହୁ, ଗୀତାଞ୍ଜଳି ବରାଳ, ଲିଙ୍ଗରାଜ ବେହେରା, ତପନ ସାମଲ, ତ୍ରିନାଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭାପତି ପୀତାମ୍ବର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ଗୋଦାମ ଗୃହ କାର୍ଯ୍ୟକ୍ଷମ ଦାବି

**ହିନ୍ଦୋଳ, ୧୬।୬(ଡି.ଏନ.ଏ.)**

ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)କୁ ସୁବ୍ୟବସ୍ଥିତ କରିବା ଲାଗି ପ୍ରତି ବ୍ଲକରେ ଗୋଦାମ ଗୃହ ନିର୍ମାଣ କରିବାକୁ ୩ବର୍ଷ ତଳେ ନିଷ୍ପତ୍ତି ନେଇଥିଲେ ରାଜ୍ୟ ସରକାର। ବିଭିନ୍ନ ସ୍ଥାନରେ ଏହା କାର୍ଯ୍ୟକାରୀ ମଧ୍ୟ ହୋଇସାରିଛି। ତେବେ ସରକାରୀ ଘୋଷଣାର ୩ବର୍ଷ ପୂରିଯାଇଥିଲେ ସୁଦ୍ଧା ହିନ୍ଦୋଳ ବ୍ଲକରେ ଏହା ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରିନାହିଁ। ଗୋଦାମ ଘର ଭଡ଼ାଘରେ ଚାଲିଥିବାବେଳେ ଡିଲରମାନଙ୍କ ପରିବହନ ଖର୍ଚ୍ଚ ବଢୁଥିବା ଅଭିଯୋଗ ହୋଇଛି।

ରାଜ୍ୟ ସରକାରଙ୍କ ଘୋଷଣା ପରେ ହିନ୍ଦୋଳ ବ୍ଲକ ଏକତାଳି ଜଳଭଣ୍ଡାର ନିକଟରେ ଗୋଦାମ ଗୃହ ନିର୍ମାଣ କାର୍ଯ୍ୟ ୩ବର୍ଷ ତଳେ ଆରମ୍ଭ ହୋଇଥିଲା। ଏହାର ଟେଣ୍ଡର ନେଇଛନ୍ତି ଜିଲା ବାହାରର ଜଣେ ଠିକାଦାର। ଇତିମଧ୍ୟରେ ଗୋଦାମ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଯାଇଛି। ବିଦ୍ୟୁତ୍ ସଂଯୋଗ ମଧ୍ୟ ଦିଆଯାଇଛି। ତେବେ କେଉଁ କାରଣରୁ ଏହା କାର୍ଯ୍ୟକ୍ଷମ ହେଉନାହିଁ, ତାହାର ଉତ୍ତର କାହାପାଖରେ ନାହିଁ। ଏପରି କି ଯୋଗାଣ ବିଭାଗ ଅଧିକାରୀ ମଧ୍ୟ କିଛି କହି ପାରୁ ନାହାନ୍ତି। ବ୍ଲକ ସଦରଠାରୁ ୧୫କି.ମି. ଦୂର ଖଜୁରିଆକଟାରେ ଦୀର୍ଘ ବର୍ଷ ହେଲା ଭଡ଼ାଘରେ ଗୋଦାମ ଘର ଚାଲିଛି। ସରକାର ମାସକୁ ମାସ ଭଡ଼ା ଗଣୁଥିବାବେଳେ ନବନିର୍ମିତ ଘର କାର୍ଯ୍ୟକ୍ଷମ ନ ହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ଏଥିଲାଗି ଡିଲରମାନେ ପରିବହନଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ତେଣୁ ନବନିର୍ମିତ ଗୋଦାମ ଘର ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସେମାନେ ଦାବି କରିଛନ୍ତି।

ଅବ୍ୟବସ୍ଥା ସମ୍ପର୍କରେ ପଚାରିବାରେ ବ୍ଲକ ଯୋଗାଣ ନିରୀକ୍ଷକ ଅସିତ୍ ବେହେରା ନିଜର ଅସହାୟତା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ତାଙ୍କର ହାତରେ କୌଣସି ନିୟନ୍ତ୍ରଣ ନାହିଁ। ଉକ୍ତ କାର୍ଯ୍ୟ ଟେଣ୍ଡର ମାଧ୍ୟମରେ ହେଉଛି। ସରକାରୀସ୍ତରରେ ସମସ୍ତ କାର୍ଯ୍ୟ ହେଉଥିବାରୁ ସେ ନିରୂପାୟ। ଉପରୁ ଯେଉଁ ନିର୍ଦ୍ଦେଶ ଆସିବ, ତଦନୁଯାୟୀ ପଦକ୍ଷେପ ନିଆଯିବ।




## ବେଲଟିକିରିରେ ବ୍ୟାପିଲା ବଜବଜିଆ

**ଢେଙ୍କାନାଳ ଅଫିସ, ୧୬।୬**

> ୩ ବାଛୁରି ମୃତ, ବହୁ ଗୋରୁ ଆକ୍ରାନ୍ତ

ଢେଙ୍କାନାଳ ଜିଲା ସଦର ବ୍ଲକ ବେଲଟିକିରି ଗ୍ରାମରେ ବଜବଜିଆ ରୋଗ ବ୍ୟାପିଛି। ଏଥିରେ ୩ ବାଛୁରିଙ୍କ ଜୀବନ ଯାଇଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ଗୋରୁ ଆକ୍ରାନ୍ତ ହୋଇଥିବା ସରପଞ୍ଚ ବଳଭଦ୍ର ସାମଲ ସୂଚନା ଦେଇଛନ୍ତି। ଏଭଳି ଏକ ସଂକ୍ରାମକ ରୋଗର ପ୍ରତିକାର ଲାଗି ଅଦ୍ୟାବଧି ପ୍ରାଣୀଧନ ଚିକିତ୍ସା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ଗ୍ରାମର ଶତାଧିକ ବଳଦ, ଗାଈ, ବାଛୁରିଙ୍କୁ ସଂକ୍ରମଣ ଆଶଙ୍କା ଦେଖାଦେଇଛି।

ମିଳିଥିବା ସୂଚନା ଅନୁଯାୟୀ, ବଜବଜିଆରେ ଆକ୍ରାନ୍ତ ହୋଇ ଗ୍ରାମର ସଦାନନ୍ଦ ସାମଲଙ୍କ ଗୋଟିଏ ବାଛୁରିର ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ୨ଜଣ ଚାଷୀଙ୍କର ଦୁଇଟି ବାଛୁରିଙ୍କ ଜୀବନ ଯାଇଛି। ଅଜୟ ସାହୁ, ଗଣେଶ୍ୱର ସାହୁଙ୍କ ୨ଟି ବାଛୁରି ସଂକ୍ରମଣର ଶିକାର ହୋଇଛନ୍ତି। ବେଲଟିକିରି ପଞ୍ଚାୟତରେ ଦୀର୍ଘ ୫ବର୍ଷ ହେଲା ପ୍ରାଣୀଧନ ନିରୀକ୍ଷକ ପଦବୀ ଖାଲି ପଡ଼ିଛି। ବଜବଜିଆ, ଫାଟୁଆ ଭଳି ରୋଗ ବ୍ୟାପିଲେ ତୁରନ୍ତ ପ୍ରତିଷେଧକ ଗ୍ରହଣ କରାଯାଇପାରୁନାହିଁ। ଏ ନେଇ ଜିଲା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉନାହିଁ, ଯାହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଏ ସଂକ୍ରାନ୍ତରେ ପ୍ରାଣୀଧନ ବିଭାଗର ଉପନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ନନ୍ଦ, ବିଭିନ୍ନ ଅଞ୍ଚଳରେ ପ୍ରତିଷେଧକ ଦିଆଗଲାଣି। ବେଲଟିକିରି ଗ୍ରାମରେ କ'ଣ ହୋଇଛି ସେ ସମ୍ପର୍କରେ ଶୁକ୍ରବାର ଅନୁଧ୍ୟାନ କରାଯାଇ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ।



ବଜବଜିଆ ରୋଗରେ ଆକ୍ରାନ୍ତ ଏକ ବାଛୁରି।

# ଆୟ ତୁଳନାରେ ଅଧିକ ବ୍ୟୟ

**ଢେଙ୍କାନାଳ ଅଫିସ, ୧୬।୬**



ବୈଠକରେ ଜିଲାପାଳ, ଦେବୋତ୍ତର ଅଧିକାରୀଙ୍କ ସମେତ ଉପଦେଷ୍ଟାମଣ୍ଡଳୀ ସଦସ୍ୟ ଓ ଅନ୍ୟମାନେ।

ଆୟ ତୁଳନାରେ ବଢ଼ିବାରେ ଲାଗିଛି ଢେଙ୍କାନାଳ ଜିଲା ଦେବୋତ୍ତର ବିଭାଗର ବ୍ୟୟ। ତଥାପି ଖର୍ଚ୍ଚ ପରିଚାଳନା ଲାଗି ନାହିଁ କୌଣସି ଯୋଜନା। ଢେଙ୍କାନାଳର ପ୍ରସିଦ୍ଧ ରଥଯାତ୍ରା ପାଇଁ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଗୁରୁବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ଜିଲାପାଳ ସରୋଜ କୁମାର ସେଠୀ। ଏଥିସହ ଦେବୋତ୍ତର ନିରୀକ୍ଷକଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସେହିପରି ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ନୂଆ ଅଖରେ ଚକ ଡେରା କାର୍ଯ୍ୟ କରାଯାଇଥାଏ। ଚଳିତବର୍ଷ ବନ ବିଭାଗ କାଠ ନ ଦେବାରୁ ବର୍ଷ ବର୍ଷ ଧରି ଚାଲି ଆସିଥିବା ଏହି ପରମ୍ପରା ଭଙ୍ଗ ହୋଇଛି। ପୁରୁଣା ଅଖରେ ଚକ ଯୋଡ଼ାଯାଇ କାମତୁଲ କରାଯାଇଛି, ଯାହାକୁ ନେଇ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଏବଂ ସଭ୍ୟମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

୨୦୨୦ରେ ନୂଆକାଠରେ ଅଖ ଏବଂ ରଥ ନିର୍ମାଣ ହୋଇଥିଲା। ତେବେ କରୋନା ସଂକ୍ରମଣ ପାଇଁ ରଥଯାତ୍ରା ଅନୁଷ୍ଠିତ ହୋଇ ନ ଥିଲା। ଶ୍ରୀବଳରାମ ମନ୍ଦିରରେ ପ୍ରତୀକାତ୍ମକ ଭାବେ ବିଧି ପାଳନ କରାଯାଇଥିଲା। ରଥଯାତ୍ରା

> ■ଦେବୋତ୍ତର ବିଭାଗର କାର୍ଯ୍ୟକଳାପକୁ ନେଇ କ୍ଷୋଭ
> ■ଜିଲାପାଳ ଜାରି କଲେ କାରଣ ଦର୍ଶାଅ ନୋଟିସ୍
> ■ନୂଆ ଅଖ ପାଇଁ ବନ ବିଭାଗ କାଠ ନ ଦେବାରୁ ଉଦ୍‌ବେଗ

ବନ୍ଦ ହେବା ପରେ କାଠସବୁ ରଥକାଠ ରହୁଥିବା ଘରେ ରଖାଯାଇଥିଲା। ହେଲେ ଉକ୍ତ କାଠ ଏବଂ ଅଖ ଗାଏବ ହୋଇଯାଇଛି। ଏହି କାଠ କୁଆଡ଼େ ଗଲା ବୋଲି ସଦସ୍ୟମାନେ ପ୍ରଶ୍ନ ଉଠାଇଥିଲେ। ଝଡ଼ବର୍ଷାରେ ଗଛ ପଡ଼ିଯିବାରୁ ରଥକାଠ ରହୁଥିବା ଘର ଆଜବେଷ୍ଟସ ଭାଙ୍ଗିଯାଇଥିଲା। ଫଳରେ କାଠ ନଷ୍ଟ ହୋଇଯାଇଥିବା ଦେବୋତ୍ତର ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଥିଲା। ତେବେ ଉପସ୍ଥିତ ସଦସ୍ୟମାନେ ଏହାକୁ ସହଜରେ ଗ୍ରହଣ କରି ନ ଥିଲେ। ବିଭିନ୍ନ କାର୍ଯ୍ୟରେ ଦେବୋତ୍ତର ବିଭାଗ ପକ୍ଷରୁ ଆବଶ୍ୟକତାଠାରୁ ଅଧିକ ବ୍ୟୟ କରାଯାଉଛି। ହେଲେ ରଥକାଠ ସୁରକ୍ଷିତ ଭାବେ ରଖିବା ଲାଗି ସ୍ଥାୟୀ ଘର ନିର୍ମାଣ କରାଯାଉ ନ ଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ରଥଯାତ୍ରା ପାଇଁ ହାତଗଣତି ଦିନ ବାକିଥିବାବେଳେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ୨ରଥ ନିର୍ମାଣ କାର୍ଯ୍ୟ ଶେଷ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ଅପରପକ୍ଷେ ରଥଯାତ୍ରା ପାଇଁ ବନ ବିଭାଗ ଅଡିଟ୍ ଅବଜେକ୍ସନ ରିପୋର୍ଟ ଦର୍ଶାଇ କାଠ ନେଇ ନ ଥିଲା। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରତିବର୍ଷ ରଥକାଠ ବାବଦକୁ ଦେବୋତ୍ତର ବିଭାଗ ପକ୍ଷରୁ ୧୫ହଜାର ଟଙ୍କା ପର୍ଯ୍ୟନ୍ତ ରୟାଲ୍‌ଟି ପ୍ରଦାନ କରାଯାଉଥିଲା। ଚଳିତବର୍ଷ ବନ ବିଭାଗ ୯୭ ହଜାର ଟଙ୍କା ରୟାଲ୍‌ଟି ଦାବି କରୁଛି। ବନ ବିଭାଗର ଏଭଳି ଦାବିକୁ ନେଇ ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜିଲା ବନଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା ପରେ ରୟାଲଟି ପ୍ରଦାନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଅନ୍ୟପଟେ ଜିଲାପାଳଙ୍କ ହସ୍ତକ୍ଷେପ ପରେ ଗୁରୁବାର ସକାଳେ ରଥଗଡ଼ାରେ କାଠ ପହଞ୍ଚିଥିବା ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସ୍ନିଗ୍ଧାରାଣୀ ଧଳ ସୂଚନା ଦେଇଛନ୍ତି।

ରଥଯାତ୍ରା ପୂର୍ବରୁ ମୁଖ୍ୟ ରାସ୍ତା ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ଶୃଙ୍ଖଳା ରକ୍ଷା, ବ୍ୟବସ୍ଥିତ ଢଙ୍ଗରେ ଟ୍ରାଫିକ୍ ପରିଚାଳନା, ଆମିଷ ଓ ମଦ ଦୋକାନ ବନ୍ଦ ରଖିବା ଲାଗି ନିଷ୍ପତ୍ତି ହୋଇଛି। ସେହିପରି ପର୍ଯ୍ୟାପ୍ତ ପାନୀୟ ଜଳଯୋଗାଣ, ଶ୍ରଦ୍ଧାଳୁଙ୍କ ଉପରେ ଜଳସିଞ୍ଚନ ବ୍ୟବସ୍ଥା କରିବାକୁ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଶୁ ଚିକିତ୍ସା, ଭ୍ରାମ୍ୟମାଣ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବ। ବଜାର ଆଲୋକୀକରଣ ପାଇଁ ମିଳିତ ବଜାର ପୂଜା କମିଟି ସଭାପତିଙ୍କୁ ଅନୁରୋଧ କରାଯାଇଛି। ରଥକୁ ଆକର୍ଷଣୀୟ ସାଜସଜ୍ଜା, ନୂଆ କପଡ଼ା ଲଗାଇବା, ସାନରଥ ପରିଚାଳନା କମିଟିରେ ମହିଳାଙ୍କୁ ଅଗ୍ରାଧିକାର ଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି., ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ସଦର ଏସ୍‌ଡିପିଓ ବିକାଶ ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
ଶୁକ୍ରବାର, ୧୭ ଜୁନ୍, ୨୦୨୨



# ସଂକ୍ଷେପରେ

## ବିଡିଓଙ୍କ କ୍ୱାର୍ଟର୍ସରୁ ଚୋରି ଅଭିଯୋଗ

ଅନୁଗୋଳ ଅଫିସ, ୧୬।୬: ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ ସରକାରୀ ବାସଭବନରୁ ଚୋରି ହୋଇଥିବା ନେଇ ଗୁରୁବାର ଅନୁଗୋଳ ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ଧ୍ୟାରାଣୀ ମାଝି ବିଇଡି କଲେଜ ଛକ ନିକଟରେ ଥିବା ସରକାରୀ ବାସଭବନରେ ରୁହନ୍ତି। ସେ ବାସଭବନରେ ନ ଥିବା ବେଳେ କେହି ଦୁର୍ବୃତ୍ତ ଘର ମୁଖ୍ୟ ଦରଜା ତାଲା ଭାଙ୍ଗି ଭିତରେ ପଶିବା ସହ ଏକ ଟିଭି ଓ ଲ୍ୟାପଟପ ନେଇ ଫେରାର ହୋଇଯାଇଛନ୍ତି। ବାସଭବନକୁ ଆସିବା ପରେ ସେ ଚୋରି ହୋଇଥିବା ନେଇ ଜାଣିବାକୁ ପାଇଥିଲେ। ପୋଲିସକୁ ସୂଚନା ଦେବାପରେ ଘଟଣାସ୍ଥଳରେ ପହଞ୍ଚି ପୋଲିସ ତଦନ୍ତ କରୁଛି।

## ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

ଛେଣ୍ଡିପଦା, ୧୬।୬(ସ୍ୱ.ପ୍ର.): ଅନୁଗୋଳ ଜିଲା ଜରପଡା ଥାନା ନିକଟସ୍ଥ ଜରପଡା ଗ୍ରାମରେ ପାରିବାରିକ କଳହକୁ ନେଇ ଯୁବକ ନାରାୟଣ ଦେହୁରୀ (୩୦) ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଜରପଡା ଗ୍ରାମ କନ୍ଧସାହିର ନାରାୟଣ ଦେହୁରୀଙ୍କ ଘରେ ଗୁରୁବାର ସକାଳେ ବଚସା ହୋଇଥିଲା। ଏହି ଘଟଣାକୁ ନେଇ ଘରେ କେହି ନ ଥିବା ବେଳେ ନାରାୟଣ ଫ୍ୟାନରେ ଏକ ପୁରୁଣା ଲୁଗାରେ ଝୁଲି ପଡିଥିଲେ। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଏ ନେଇ ପରିବାର ଲୋକେ ଜାଣିବା ପରେ ଜରପଡା ଥାନାକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇ ଦେଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଜରପଡା ପୋଲିସ ପ୍ରକାଶ କରିଛି।

## ରେଳରୋକୋ ଆନ୍ଦୋଳନ

**ଅନୁଗୋଳ ଅଫିସ, ୧୬।୬:** ଅନୁଗୋଳ ଜିଲା ନାଲ୍‌କୋ ଦ୍ୱାରା ଜମିହରା କ୍ଷତିଗ୍ରସ୍ତଙ୍କୁ ସରକାରୀ ନିୟମ ଅନୁଯାୟୀ ଥଇଥାନ ଓ ନିଯୁକ୍ତି ଦାବି କରି ଗୁରୁବାର ଜଣେ କ୍ଷତିଗ୍ରସ୍ତ ରେଳରୋକୋ ଆନ୍ଦୋଳନ କରିଥିଲେ। ଫଳରେ ନାଲ୍‌କୋ ରେଳଧାରଣାରେ ପ୍ରାୟ ଏକ ଘଣ୍ଟା ଧରି ମାଲ ଟ୍ରେନ୍ ଚଳାଚଳ ବନ୍ଦ ହୋଇ ରହିଥିଲା। ସୂଚନା ଅନୁସାରେ, ବଳରାମ ପ୍ରସାଦ କଇଁଫୁଲିଆ ସାହିର ବିରଞ୍ଚି ସାହୁଙ୍କ ଜମି ନାଲ୍‌କୋ ଅଧିଗ୍ରହଣ କରିଛି। ମାତ୍ର ତାଙ୍କ ପରିବାରର କାହାରିକୁ ନିଯୁକ୍ତି ମିଳିନାହିଁ। ନିଯୁକ୍ତି ପାଇଁ ବିରଞ୍ଚି ଜିଲା ପ୍ରଶାସନ ନିକଟରେ ଅନେକ ଥର ଦାବି ଆପତ୍ତି କରିଛନ୍ତି। ପ୍ରସାଶନ ପକ୍ଷରୁ ନାଲ୍‌କୋକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ ‌କର୍ତ୍ତୃପକ୍ଷ କିଛି ଶୁଣୁନାହାନ୍ତି ବୋଲି ବିରଞ୍ଚି ଅଭିଯୋଗ କରିଛନ୍ତି। ତେଣୁ ନିରୁପାୟ ହୋଇ ସେ ସକାଳ ୮ଟାରେ ନାଲ୍‌କୋ ରେଳ ଲାଇନର ଭାଲୁଧରି ଗାଁ ନିକଟରେ ରେଳରୋକୋ କରିଥିଲେ। ନାଲ୍‌କୋ ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ସେ ଧାରଣରୁ ଉଠିଥିଲେ। ନିଯୁକ୍ତି ପାଇଁ ଆବଶ୍ୟକ ସାର୍ଟିଫିକେଟ ଦାଖଲ କରିବା ପରେ ଯଥା ସମ୍ଭବ ନିଯୁକ୍ତି ଦିଆଯିବ ବୋଲି ନାଲ୍‌କୋ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ସଂକୀର୍ତ୍ତନ ପାଇଁ ଖୁବ୍‌ଶୀଘ୍ର ଗୃହ

ଢେଙ୍କାନାଳ ଅଫିସ, ୧୬।୬

ଢେଙ୍କାନାଳସ୍ଥିତ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର 'ଶ୍ରୀଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ପରିଷଦ'ର ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, କଳାକାରଙ୍କ ପାଇଁ ସରକାରୀସ୍ତରରେ ବିକାଶମୂଳକ କାର୍ଯ୍ୟ ଜାରି ରହିଛି। ସଂକୀର୍ତ୍ତନ ଭଳି ଲୋକକଳାର ବହୁବିଧ ଉନ୍ନତି ପାଇଁ ଯଥାଶୀଘ୍ର ଜାଗା ଏବଂ ଗୃହ ବ୍ୟବସ୍ଥା କରାଯିବ। ସଦସ୍ୟଙ୍କୁ ନେଇ ଜିଲାର ଅନେକ ସଂକୀର୍ତ୍ତନମଣ୍ଡଳୀ ସମୃଦ୍ଧ ହୋଇପାରିଛି। ଏଭଳି ମହିଳା କୀର୍ତ୍ତନମଣ୍ଡଳୀ ଏବଂ ଏହାର ସଦସ୍ୟଙ୍କୁ ଜିଲାପାଳ ସାଧୁବାଦ ଜଣାଇଛନ୍ତି।

ସଭାପତି ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉପଦେଷ୍ଟା ବିଶିଷ୍ଟ ଶିଳ୍ପପତି ଦୀପକ କୁମାର ମିଶ୍ର ଯୋଗଦେଇ କଳାକାରଙ୍କୁ ଭତ୍ତା ପ୍ରଦାନ ଓ ସରକାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ପ୍ରିୟମ୍ବଦା ବେହେରା,



କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

### ଜିଲା ଜଗନ୍ନାଥ ନାମ ସଂକୀର୍ତ୍ତନ ମହାସମାବେଶ

ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଅଂଶୁମାନ ପଟ୍ଟନାୟକ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ୨୫ଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ଢେଙ୍କାନାଳରେ ୨୦ ହଜାର କଳାକାର ଏବଂ ଭୁବନେଶ୍ୱରରେ ୨ ଲକ୍ଷ କଳାକାରଙ୍କୁ ନେଇ ସମାବେଶ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ରାଜ୍ୟ ଅଫିସ ସମ୍ପାଦକ ପ୍ରସନ୍ନ ବଡ଼ଜେନା, କଟକ ସଭାପତି ପ୍ରହଲ୍ଲାଦ ସାହୁ, ସମ୍ପାଦକ ବିଜନ ମହାନ୍ତି ଉପସ୍ଥିତ ଥିଲେ। ରାଜ୍ୟ କଳାସଂସ୍କୃତି ସଂଘର ଉପସଭାପତି ଅବନୀ କୁମାର ମିଶ୍ର ସଂଯୋଜନା କରିଥିଲେ।

ପୂର୍ବାହ୍ନରେ ଜିଲାର ସମସ୍ତ ବ୍ଲକ, ୩ ଏନ୍‌ଏସି, ଢେଙ୍କାନାଳ ପୌରାଞ୍ଚଳର ୬ ହଜାର କୀର୍ତ୍ତନମଣ୍ଡଳୀ ସଦସ୍ୟଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଅଳସୁଆ ହାଟରୁ ବାହାରିଥିବା ଏହି ଶୋଭାଯାତ୍ରା ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷ ପର୍ଯ୍ୟନ୍ତ ଯାଇଥିଲା। ରାଜ୍ୟ ସଭାପତି ବିପ୍ରବର ସାହୁ, ସମ୍ପାଦକ ବିପିନ ବିହାରୀ ଦାସ, ଜିଲା ସଭାପତି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ହରିନାମରେ ସହର ପ୍ରକମ୍ପିତ ହୋଇଉଠିଥିଲା। ବିଷ୍ଣୁପ୍ରିୟା ରଥ ଜଗନ୍ନାଥ ଜଣାଣ ଗାଇଥିବାବେଳେ କମଳିନୀ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ହିଙ୍ଗୁଳା ଖଣି ବନ୍ଦ ଆନ୍ଦୋଳନ

ତାଳଚେର, ୧୬।୬(ନି.ପ୍ର.)

ନିଯୁକ୍ତି, ଥଇଥାନ ତଥା କ୍ଷତିପୂରଣ ଆଦି ଦାବି ନେଇ ତାଳଚେର ବ୍ଲକ ଗୋପାଳପ୍ରସାଦ ଗ୍ରାମବାସୀଙ୍କ ପକ୍ଷରୁ ହିଙ୍ଗୁଳା କୋଇଲା ଖଣି ବନ୍ଦ ଆନ୍ଦୋଳନ କରାଯାଇଥିଲା। ସକାଳୁ ଶତାଧିକ ଗ୍ରାମବାସୀ କୋଇଲା ଖଣି, ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ଟାଇମ ଅଫିସ ଓ ଶାଳବଣିଆସ୍ଥିତ ପରିବହନ ରାସ୍ତା ଅବରୋଧ କରିଥିଲେ। ଫଳରେ ଖଣିରୁ କୋଇଲା ଉତ୍ପାଦନ ଓ ପରିବହନ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା।

ପ୍ରକାଶ ଯେ, ପୂର୍ବରୁ ଗୋପାଳପ୍ରସାଦ ପଞ୍ଚାୟତର ୨ଟି ପର୍ଯ୍ୟାୟରେ ବାସଗୃହ ଓ ଜମି ଏମ୍‌ସିଏଲ୍ ହିଙ୍ଗୁଳା କୋଇଲା ଖଣି ଦ୍ୱାରା ଅଧିଗ୍ରହଣ ହୋଇଥିବା ବେଳେ ତୃତୀୟ ପର୍ଯ୍ୟାୟରେ କୁସୁମପାଳ, ମଲ୍ଲିବନ୍ଧ ଓ ଗୋପାଳପ୍ରସାଦ ଗ୍ରାମର କିଛି ଜମି, ବାସଗୃହ ଅଧିଗ୍ରହଣ କରାଯାଇଛି। ମାତ୍ର ଦୀର୍ଘଦିନ ବିତି ଯାଇଥିଲେ ମଧ୍ୟ ଗ୍ରାମବାସୀଙ୍କୁ ଅଦ୍ୟାବଧି ଉପଯୁକ୍ତ କ୍ଷତିପୂରଣ, ନିଯୁକ୍ତି ତଥା ଥଇଥାନ ଆଦି ସୁବିଧା ପ୍ରଦାନ କରାଯାଇ ନାହିଁ। ଏ ସମ୍ବନ୍ଧରେ ଗ୍ରାମବାସୀ ବାରମ୍ବାର ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ଖଣି କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଗ୍ରାମବାସୀ ଅଭିଯାଗ କରିଛନ୍ତି। ପୂର୍ବରୁ ଗ୍ରାମବାସୀ ଗତ ମେ ମାସ ୨୮ ତାରିଖରେ ଧର୍ମଘଟ କରିଥିବା ବେଳେ ଚଳିତ ମାସ ୧୫ ତାରିଖ ସୁଦ୍ଧା ସମସ୍ତ କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ଆୱାର୍ଡ ଲିଷ୍ଟ ପ୍ରସ୍ତୁତ କରି ଏମ୍‌ସିଏଲ୍ ମୁଖ୍ୟାଳୟକୁ ପଠାଯିବ ବୋଲି ଖଣି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପ୍ରତିଶ୍ରୁତି ରକ୍ଷା କରିବାରେ ଖଣି କର୍ତ୍ତୃପକ୍ଷ ବିଫଳ ହୋଇଥିବାରୁ ଗ୍ରାମ ସଭାପତି ରଞ୍ଜିତ ବେହେରା, ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଓ ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ସିଂହଙ୍କ ନେତୃତ୍ୱରେ ସମସ୍ତ ଗ୍ରାମବାସୀ ଏହି ଆନ୍ଦୋଳନ ଚଳାଇଛନ୍ତି।



ଗ୍ରାମବାସୀ ଧାରଣାରେ ବସିଛନ୍ତି।

# ଲକ୍ଷ୍ମଣ ମିଶ୍ର ଥିଲେ ଦରଦୀ ମଣିଷ

ଢେଙ୍କାନାଳ ଅଫିସ, ୧୬।୬

ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାଦଶାହ ଉପଲକ୍ଷେ ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଜିଲା ପ୍ରଶାସନ ଏବଂ ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲାପାଳ ସରୋଜ କୁମାର ସେଠୀ ଅଧ୍ୟକ୍ଷତା କରି କହିଲେ, ଲକ୍ଷ୍ମଣ ମିଶ୍ର ଜଣେ ଦରଦୀ ମଣିଷ ଥିଲେ। ଆଦର୍ଶ ଶିକ୍ଷକ ଭାବେ ସେ ଜନାଦୃତ ଥିଲେ। ବହୁ ଗରିବ ମେଧାବୀ ଛାତ୍ରଙ୍କୁ ନିଜ ଘରେ ରଖି ଶିକ୍ଷାଦାନ କରି ଭଲ ମଣିଷ କରିବାରେ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ସାର୍ବଜନୀନ କୃତି ପାଇଁ ଢେଙ୍କାନାଳ ଜିଲା ମହୋତ୍ସବରେ ତାଙ୍କୁ 'କପିଳାସ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ତାଙ୍କ ପଥ ଅନୁସରଣ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ନାଟ୍ୟକାର ଶତ୍ରୁଘ୍ନ ମାଟି, ମିଳିତବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା, ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, ଶିଳ୍ପୀ ପରେଶ ପଟ୍ଟନାୟକ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଲକ୍ଷ୍ମଣ ମିଶ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସ, ସଦର ଏସ୍‌ଡିପିଓ ବିକାଶ ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଂସ୍କୃତି ଅଧିକାରୀ ପ୍ରିୟମ୍ବଦା ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ୧୦ଟା ୧୫ରେ ପହଣ୍ଡି, ୨ଟାରେ ରଥଟଣା

ଢେଙ୍କାନାଳ ଅଫିସ୍, ୧୬।୬

ଆସନ୍ତା ୧ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା। ମାନବୀୟ ଲୀଳାଖେଳାର ଏହି ପର୍ବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ ଢେଙ୍କାନାଳ ଜିଲା ପ୍ରଶାସନ, ଦେବୋତ୍ତର ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜପୁରୋଧାଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତିନିର୍ଘଣ୍ଟକୁ ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ସାର୍ବଜନୀନ କରିଛନ୍ତି। ତଦନୁଯାୟୀ ରଥଯାତ୍ରା ଦିନ ଭୋର୍ ୫ଟା ୧୪ରେ ଜୟମଙ୍ଗଳ ଆଳତି ସହ ଶ୍ରୀଜୀଉଙ୍କ ନୀତିକାନ୍ତ ଆରମ୍ଭ ହେବ। ପୂର୍ବାହ୍ନ ୧୦ଟା ୧୫ରେ ପହଣ୍ଡି, ସାଢ଼େ

### ରଥଯାତ୍ରା ପାଇଁ ନୀତି ନିର୍ଘଣ୍ଟ

୧୧ଟାରେ ଦକ୍ଷିଣ ବନ୍ଦାପନା, ରଥ ପରିକ୍ରମା, ମଧ୍ୟାହ୍ନ ୧୨ଟା ୧୦ରେ ରଥ ସିଂହାସନରେ ବିଜେ, ୧୨ଟା ୨୫ରେ ଛେରାପହଁରା ଶେଷ ହେବ। ଅପରାହ୍ନ ୨ଟା ୩ ମିନିଟ୍‌ରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇ ୬ଟା ୨୪ ସୁଦ୍ଧା ଶେଷ ହେବ ବୋଲି ସୂଚନା ଦିଆଯାଇଛି। ଦୁଇବର୍ଷ ଅନ୍ତରାଳରେ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହେଉଛି। ଏହାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବାକୁ ଜିଲାପାଳ ସରୋଜ କୁମାର ସେଠୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ରକ୍ତଦାତା ଦିବସରେ ୬୯ ୟୁନିଟ୍ ରକ୍ତ ସଂଗ୍ରହ



ଜାମୁନାଳୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ରକ୍ତ ସଂଗ୍ରହ କରାଯାଉଛି।

ଅନୁଗୋଳ ଅଫିସ/ ବଇଣ୍ଡା, ୧୬।୬

ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଅଧୀନ ବଅଁରପାଳ ବ୍ଲକର ଜାମୁନାଳୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ଭାଇଭାଇ ଫାଉଣ୍ଡେଶନ, ବିଜୁ ଯୁବ ଜନତା ଦଳ ଓ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ୫୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦିନେଶ ପ୍ରଧାନ ଯୋଗଦେଇ ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ ସରପଞ୍ଚ ସୀତା ଦେହୁରୀ ଓ ସମିତି ସଭ୍ୟ ଅମିତ ବେହେରା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ରକ୍ତଦାନ ଶିବିରକୁ ଫାଉଣ୍ଡେଶନ ସଭାପତି ଉମାକାନ୍ତ ପଟ୍ଟନାୟକ, ଗୋକୁଳ ପ୍ରଧାନ, ରଶ୍ମୀରଞ୍ଜନ ସାହୁ, ମଥୁରା ସାହୁ, ଅମିତ ପ୍ରଧାନ, ଲିକୁନ ସାହୁ ଓ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ। ସେହିପରି ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ବିଶ୍ୱ ରକ୍ତଦାତା ଦିବସ ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠମଲ୍ଲିକ ଅଞ୍ଚଳର ଯୁବତୀ ଯୁବକ ଯୋଗଦେଇ ରକ୍ତଦାନ କରିଥିଲେ। ୧୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବାବେଳେ ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁନୀଲ ପଣ୍ଡା ଯୋଗଦେଇ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରକ୍ତଦାନ ଯୋଗୁ ବହୁ ଲୋକଙ୍କ ଜୀବନ ବଞ୍ଚିଯାଉଛି ବୋଲି କହିଥିଲେ। ଏଥିସହ ସମସ୍ତେ ରକ୍ତଦାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ଷ୍ଟାଫନର୍ସ ସ୍ନିଗ୍ଧାରାଣୀ ସିଂ, ସୁଶାନ୍ତ ସାହୁ, ପୀୟୂଷ ସାହୁ, ରାକେଶ ଦତ୍ତ ପ୍ରମୁଖ ଯୋଗଦେଇଥିଲେ।



ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରକ୍ତ ସଂଗ୍ରହ କରାଯାଉଛି।

# କୋଭିଡ୍ ପରିଚାଳନା ସମୀକ୍ଷା

ଢେଙ୍କାନାଳ ଅଫିସ, ୧୬।୬

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ୍ ହଲ୍ ପରିସରରେ ଗୁରୁବାର ଜିଲାପାଳ ସରୋଜ କୁମାର ସେଠୀ କୋଭିଡ୍ ପରିଚାଳନା ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଅନ୍ୟ ରାଜ୍ୟରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଆଗୁଆ ସତର୍କତାସ୍ୱରୂପ ମାସ୍କ ପରିଧାନ ଏବଂ ୧୫ରୁ ୧୭ ବର୍ଷ ବୟସ୍କ ପିଲାଙ୍କ ଟିକାକରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଏଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି।

ଜିଲାରେ ବିଭିନ୍ନ ପୋଖରୀ, ଜଳାଶୟର ପୁନରୁଦ୍ଧାର କରିବା ଲାଗି ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ ସମସ୍ତ ବ୍ଲକର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଚାୟତରେ ସବୁଜିମା ପରିବେଶ ସୃଷ୍ଟି କରିବାକୁ କୁହାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଆସନ୍ତା ୧୮ ଓ ୧୯ ତାରିଖରେ ପଞ୍ଚାୟତ, ବ୍ଲକ ଓ ଜିଲାସ୍ତରରେ ମକ୍‌ଡ୍ରିଲ୍ ଆୟୋଜନ କରାଯିବ। '୫–ଟି'ରେ ଅନ୍ତର୍ଭୁକ୍ତ ସ୍କୁଲର ବକେୟା କାର୍ଯ୍ୟ ଶେଷ କରି ସାର୍ଟିଫିକେଟ ପ୍ରଦାନ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।




ବୈଠକରେ ପ୍ରଶାସନିକ ଅଧିକାରୀମାନେ।

### ମାସ୍କ ପରିଧାନ, ଟିକାକରଣ ଉପରେ ଗୁରୁତ୍ୱ

ଭୂଦାନ ଜମିବଣ୍ଟନ, ମ୍ୟୁଟେଶନ, ବେବନ୍ଦୋବସ୍ତ କାର୍ଯ୍ୟ ଯଥାସମ୍ଭବ ଶେଷ କରିବାକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର ତହସିଲଦାରଙ୍କୁ କହିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସମାଜ ମଙ୍ଗଳ ଅଧିକାରୀ ସୌଦାମିନୀ ସାହୁ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଜିଲା ଆପାତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର, ତହସିଲଦାର ଅନୁପମା ମୁର୍ମୁ, ଓସଡମା ଡିପିଓ ସଙ୍ଗୀତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**DHAULI DEVELOPMENT COMMITTEE**

No. 21/DDC Bhubaneswar, Dated the 13.06.2022

**Expression of Interest**

Expression of Interest (EoI) are invited from reputed manpower supply agencies/service providers for providing services of Tollgate - Ticket Assistant & Ticket Helper at Entry Fee Collection Point/Check gate at new parking place at Parabodhi Pond, Dhauli operated by DDC for a period of one year on contract basis.

The detailed information for outsourcing of the above manpower services is mentioned in the tender document which can be available from the Office of Tourist Officer, BBSR-cum-Secy., DDC on payment of Rs.500/- in Cash (Non-refundable) during working hours between 11.30 A.M. to 4.30 P.M. on all official days w.e.f. 18.06.2022.

The tender document must reach to the office of the undersigned on or before 27.06.2022 by 3.00 P.M. through Registered Post/ Speed Post only. The tender documents will be opened on 29.06.2022 at 4.00 P.M. in the Conference Hall of BDO, BBSR. The bidders or their authorized representatives may remian present at the time of opening. The undersigned reserves the right to accept or reject any or all the tender without assigning any reason thereof.

**Sd./- Tourist Officer, Bhubaneswar & Secretary, Dhauli Development Committee**

ଧରିତ୍ରୀ
DHARITRI
ଶୁକ୍ରବାର, ୧୭ ଜୁନ୍, ୨୦୨୨



## ସଂକ୍ଷେପରେ

### ଲକ୍ଷେ ଟଙ୍କା ଜରିମାନା

**ଅନୁଗୋଳ ଅଫିସ, ୧୬।୬:** ଅନୁଗୋଳ ସହରର ଜଣେ ମଦ ଦୋକାନୀ ନିର୍ଦ୍ଧାରିତ ଦାମରୁ ଅଧିକ ଦରରେ ମଦ ବିକିବାରୁ ଲକ୍ଷେ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ମୁତାବକ, ଅନୁଗୋଳ ପୌରାଞ୍ଚଳର କେତୋଟି ବିଦେଶୀ ମଦ ଦୋକାନରେ ନିର୍ଦ୍ଧାରିତ ଦରଠାରୁ ଅଧିକ ଟଙ୍କା ନିଆଯାଉଥିବା ଅଭିଯୋଗ ହୋଇଆସୁଥିଲା। ଅବକାରୀ ବିଭାଗ ଏ ନେଇ ଚୁପ ବସିଯାଇଥିଲା। ତେବେ ଅବକାରୀ ନିର୍ଦ୍ଦେଶାଳୟର ଫ୍ଲାଇଙ୍ଗ ସ୍କ୍ୱାଡ୍ ପକ୍ଷରୁ କାଲଟାକ୍ସ ଛକ ନିକଟସ୍ଥ ଏକ ବିଦେଶୀ ମଦ ଦୋକାନରେ ଅତର୍କିତ ଯାଞ୍ଚ କରାଯାଇ ଅଧିକ ଦରରେ ମଦ ବିକ୍ରି ହେଉଥିବା ଜଣା ପଡିଥିଲା। ଏହି ଘଟଣାରେ ବିଭାଗ ପକ୍ଷରୁ ସମ୍ପୃକ୍ତ ଦୋକାନୀଙ୍କୁ ଏକ ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ଘଟଣାକୁ ଚାପି ଦେବାକୁ ଉଦ୍ୟମ କରାଯାଉଥିବା ଚର୍ଚ୍ଚା ହେଉଛି।

### ଲିଭରରେ ସମସ୍ୟା କାରଣରୁ ହାତୀର ମୃତ୍ୟୁ

**ଅନୁଗୋଳ ଅଫିସ, ୧୬।୬:** ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଗତ ସୋମବାର ରାତିରେ ମରିଥିବା ଏକ ଦନ୍ତାହାତୀର ବ୍ୟବଚ୍ଛେଦ ରିପୋର୍ଟ ବନ ବିଭାଗର ହସ୍ତଗତ ହୋଇଛି। ଲିଭରରେ ସମସ୍ୟା ଯୋଗୁ ହାତୀର ମୃତ୍ୟୁ ହୋଇଥିବା ସାତକୋଶିଆ ଡିଏଫ୍‌ଓ ପ୍ରକାଶ କରିଛନ୍ତି। ଡିଏଫ୍‌ଓ କହିଛନ୍ତି, ସାତକୋଶିଆ ଅଭୟାରଣ୍ୟର ପମ୍ପାସର ବନାଞ୍ଚଳ ଯୋକୁବୁ ଗ୍ରାମ ନିକଟରେ ଏକ ଦନ୍ତା ହାତୀ ଅସୁସ୍ଥ ଅବସ୍ଥାରେ ଥିବା ବନ ବିଭାଗ ଖବର ପାଇଥିଲା। ସେଠାରେ ବରିଷ୍ଠ ଅଧିକାରୀମାନଙ୍କ ସହ ସାତକୋଶିଆ ପ୍ରାଣୀ ବିଶେଷଜ୍ଞ ଡାକ୍ତର ପହଞ୍ଚି ହାତୀର ଚିକିତ୍ସା ଆରମ୍ଭ କରିଥିଲେ। ହାତୀଟି ସପ୍ତାହେ ପୂର୍ବରୁ ମହୁଲ ଟୋଲ ଖାଇ ନିଶାଗ୍ରସ୍ତ ହୋଇଥିଲା। ଏହାପରେ ଚିକିତ୍ସା ଚାଲିଥିଲେ ମଧ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ଆସି ନ ଥିଲା। ଫଳରେ ସୋମବାର ବିଳମ୍ବିତ ରାତିରେ ହାତୀଟିର ମୃତ୍ୟୁ ହୋଇଯାଇଥିଲା। ମଙ୍ଗଳବାର ହାତୀ ମୃତଦେହ ବ୍ୟବଚ୍ଛେଦ କରାଯାଇ ସେଠାରେ ପୋତି ଦିଆଯାଇଥିଲା। ଲିଭରଜନିତ ସମସ୍ୟା କାରଣରୁ ତାର ମୃତ୍ୟୁ ହୋଇଥିବା ରିପୋର୍ଟ ଆସିଛି ବୋଲି ସାତକୋଶିଆ ଡିଏଫ୍‌ଓ ଡ. ସରୋଜ କୁମାର ପଣ୍ଡା ପ୍ରକାଶ କରିଛନ୍ତି।

### ଗାଁରେ ପଶିଲେ ହାତୀପଲ

**ଅନୁଗୋଳ ଅଫିସ, ୧୬।୬:** ଅନୁଗୋଳ ଜିଲା ମହୀଧରପୁର ଗାଁକୁ ଗୁରୁବାର ସକାଳୁ ଏକ ହାତୀ ପଲ ପଶି ଆସିଛନ୍ତି। ଫଳରେ ଗାଁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏହି ହାତୀ ପଲରେ ଗୋଟିଏ ଦନ୍ତା ସମେତ ଛୋଟ ବଡ଼ ମିଶାଇ ୬ଟି ହାତୀ ରହିଥିବା ନେଇ ଗାଁ ଲୋକେ ସୂଚନା ଦେଇଛନ୍ତି। ରାତିରେ ଖାଦ୍ୟ ଅନ୍ୱେଷଣରେ ଆସି ଗାଁରେ ଏହି ହାତୀପଲ ରହି ଯାଇଥିବା କୁହାଯାଉଛି। ଏ ନେଇ ଗ୍ରାମବାସୀ ବନ ବିଭାଗକୁ ଖବର ଦେବାପରେ ସେମାନେ ଘଟଣାସ୍ଥଳରେ ପହଞ୍ଚି ହାତୀପଲକୁ ଘଉଡ଼ାଇବାକୁ ଚେଷ୍ଟା କରୁଥିବା ଜଣାଯାଇଛି।

### ଯୁବକଙ୍କ ମୃତଦେହ ଜବତ

**ବଇଣ୍ଡା, ୧୬।୬(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଝରଝରି ଘାଟି ନିକଟରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଗୁରୁବାର ଜବତ କରିଛି। ତାଙ୍କ ପରିଚୟ ଜଣାପଡି ନ ଥିବାବେଳେ କୌଣସି କାରଣରୁ ସମ୍ପୃକ୍ତ ଯୁବକ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ପୋଲିସ କହିଛି, ଏକ ଗଛରେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା କେତେଜଣ ଯୁବକ ଦେଖି ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଆଠମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇ ଦେଇଛି।

# ବାଧୁଛି ବର୍ଦ୍ଧିତ ବିହନ ଦର

(ପରିକ୍ଷିତ ସାହୁ)
**ବଇଣ୍ଡା, ୧୬।୬**



- ୨୦ କେଜି ବସ୍ତା ପିଛା ବଢ଼ିଛି ୨୦୩ ଟଙ୍କା
- ସବ୍‌ସିଡି ବ୍ୟବସ୍ଥା ଥିଲେ ମଧ ଅସନ୍ତୋଷ
- ଶ୍ରମିକ, ଜଳସେଚନ ଅଭାବ ଅନ୍ୟତମ ସମସ୍ୟା

ଶେଷ ରଜରେ ଓଡ଼ିଶା ଛୁଇଁଛି ମୌସୁମୀ। ଆଗ୍ରହର ସହ ଏହାକୁ ଅପେକ୍ଷା କରିଥିବା ଚାଷୀ ମୁହଁରେ ଫୁଟିଛି ହସ। ଏବେ ବର୍ଷକର ଆହାର ସଂଗ୍ରହ ପାଇଁ କୃଷି କ୍ଷେତ୍ରକୁ ଓହ୍ଲାଇବାକୁ ଚାଷୀ ଚଳାଇଛି ପ୍ରସ୍ତୁତି। ହେଲେ ଚଳିତବର୍ଷ ବିହନ ଦର ବୃଦ୍ଧି ଚିନ୍ତାରେ ପକାଇଛି ସେମାନଙ୍କୁ। ଗତବର୍ଷ ଅପେକ୍ଷା ବସ୍ତା ପିଛା ମୂଲ୍ୟ ୨୦୩ ଟଙ୍କା ବଢ଼ିଥିବାରୁ ଏ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକର ଚାଷୀ। ସରକାର ପଞ୍ଜୀକୃତ ଚାଷୀଙ୍କ ଆକାଉଣ୍ଟକୁ ଏ ବାବଦ ସବ୍‌ସିଡି ପଠାଇବାର ବ୍ୟବସ୍ଥା ରହିଥିଲେ ମଧ କ୍ରୟ ବେଳେ ଅଧିକ ଅର୍ଥ ଦେବାକୁ ପଡୁଥିବାରୁ ଏହାକୁ ନାପସନ୍ଦ କରିଛନ୍ତି ଚାଷୀକୁଳ।

କିଶୋରନଗର ବ୍ଲକର ୨୩ ପଞ୍ଚାୟତରେ ୨୫ ହଜାର ୭୦୯ ହେକ୍ଟର ଚାଷଜମି ରହିଛି। ସେଥିମଧ୍ୟରୁ ୧୭ ହଜାର ୨୭୫ ହେକ୍ଟର ହେଉଛି ଅଣଧାନ ଓ ୮ ହଜାର ୪୩୨ ହେକ୍ଟର ହେଉଛି ଧାନ ଚାଷ ଜମି। ବ୍ଲକରେ ଧାନ ଚାଷ ପାଇଁ ସରକାରଙ୍କ ପକ୍ଷରୁ ଚଳିତବର୍ଷ ୮ ସୋସାଇଟିକୁ ବିହନ ଯୋଗାଇ ଦିଆଯାଇଛି। ଲୁହାମୁଣ୍ଡା ସୋସାଇଟିକୁ ୨୫୦ କୁଇଣ୍ଟାଲ ବିହନ ଆସିଥିବାବେଳେ ହଣ୍ଡପା ସୋସାଇଟିକୁ ୭୦ କୁଇଣ୍ଟାଲ, ବାମୁର ସୋସାଇଟିକୁ ୫୦ କୁଇଣ୍ଟାଲ, ଧଉରାପାଲି ସୋସାଇଟିକୁ ୪୦ କୁଇଣ୍ଟାଲ, ହିମିତିରା ସୋସାଇଟିକୁ ୧୦୦ କୁଇଣ୍ଟାଲ, ଉରୁକୁଳା ସୋସାଇଟିକୁ ୪୪ କୁଇଣ୍ଟାଲ, ରଣିଆକଟା ସୋସାଇଟିକୁ ୫୦ କୁଇଣ୍ଟାଲ, ଅଙ୍ଗପଡା ସୋସାଇଟିକୁ ୫୦ କୁଇଣ୍ଟାଲ ବିଭିନ୍ନ ପ୍ରକାର ଧାନ ବିହନ ପ୍ରଦାନ କରାଯାଇଛି। ହେଲେ ବିହନ ଦର ବୃଦ୍ଧି ଚାଷୀ ଅସନ୍ତୋଷର କାରଣ ହୋଇଛି। ଗତବର୍ଷ ୨୦ କେଜି ବିହନ ବସ୍ତା ୫ଶହ ଟଙ୍କାରେ ବିକ୍ରି ହୋଇଥିବାବେଳେ ଚଳିତବର୍ଷ ଏହାର ଦର ୭୦୩ ଟଙ୍କା ରଖାଯାଇଛି। ବର୍ଷକରେ ୨୦୩ ଟଙ୍କା ଦର ବଢିଥିବାରୁ ଚାଷୀ ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ସରକାର ପଞ୍ଜୀକୃତ ଚାଷୀଙ୍କୁ ସବ୍‌ସିଡି ଅର୍ଥ ପ୍ରଦାନ କରିବାକୁ ଥିଲେ ମଧ ଏହି ଦର ବୃଦ୍ଧିକୁ ଚାଷୀ ବିରୋଧ କରୁଛନ୍ତି। ତେବେ ଚଳିତବର୍ଷ ବ୍ଲକର କେତେ ଜମିରେ ଧାନ ଚାଷ କରାଯିବ ସେ ନେଇ ବିଭାଗ ପକ୍ଷରୁ ଏଯାଏ ଲକ୍ଷ୍ୟଧାର୍ଯ୍ୟ କରାଯାଇ ନାହିଁ। ଅପରପକ୍ଷରେ ଚାଷ ପାଇଁ ଆବଶ୍ୟକ ସଂଖ୍ୟକ ଶ୍ରମିକ ମିଳୁନାହାନ୍ତି। ଫଳରେ ୬୦ ପ୍ରତିଶତ ଚାଷୀ ଟ୍ରାକ୍ଟର ଯୋଗେ ହଳ କରୁଥିବାବେଳେ ୪୦ ପ୍ରତିଶତ ଚାଷୀ ନିଜେ ହଳ ଚଳାଉଛନ୍ତି। ସେହିପରି ଜଳସେଚନ ଏଠାକାର ଅନ୍ୟତମ ପ୍ରମୁଖ ସମସ୍ୟା। ଧଉରାଗୋଠ, ସୁରେଶ୍ୱରୀ, ଗଦଗଦା, ଗୁମୁଖୀ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଉ ନ ଥିବାରୁ ସହସ୍ରାଧିକ ହେକ୍ଟର ଜମିକୁ ପାଣି ମାଡ଼ିପାରୁ ନାହିଁ। ଏସବୁ ଅଞ୍ଚଳର ଚାଷୀ ବର୍ଷା ଉପରେ ନିର୍ଭର କରୁଛନ୍ତି। ଭଲ ବର୍ଷା ହେଲେ ଫସଲ ଭଲ ହେଉଛି ନଚେତ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ଏହାଛଡ଼ା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା କୃଷି ସାମଗ୍ରୀ ଠିକ୍ ଭାବେ ଚାଷୀଙ୍କୁ ମିଳିପାରୁ ନାହିଁ। ଏପରି କି ବିଭିନ୍ନ ଯୋଜନାରେ ସରକାର ସବ୍‌ସିଡି ଯୋଗାଇ ଦେଉଥିଲେ ବି ସେହି ସୂଚନା ବ୍ଲକର ଚାଷୀଙ୍କ ନିକଟରେ ପହଞ୍ଚିପାରୁ ନାହିଁ। ତୁରନ୍ତ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ବଇଣ୍ଡା କୃଷି ଅଧିକାରୀ ଚଣ୍ଡୀ ପ୍ରସାଦ ମହାଳିକ କହିଛନ୍ତି, ଚାଷର ଉନ୍ନତି ପାଇଁ ବିଭାଗ ପକ୍ଷରୁ ସବୁବେଳେ ଚାଷୀଙ୍କୁ ସହଯୋଗ କରିବା ସହ ଉପକରଣ ଯୋଗାଇ ଦିଆଯାଉଛି। ବର୍ଷା ଠିକ୍ ଭାବେ ହେଲେ ଚାଷ କାର୍ଯ୍ୟ ଆଗେଇବ।

**ଜଳସେଚନ ପ୍ରକଳ୍ପ ନିର୍ମାଣ ହେଉନାହିଁ**



"କିଶୋରନଗର କୃଷି ବହୁଳ ଅଞ୍ଚଳ ହୋଇଥିଲେ ମଧ ଜଳସେଚନ ପ୍ରକଳ୍ପଗୁଡିକ ନିର୍ମାଣ ହେଉନାହିଁ। ବିଶେଷକରି ସୁରେଶ୍ୱରୀ, ଧଉରାଗୋଠ ପ୍ରକଳ୍ପ ପାଇଁ ସରକାରୀ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ଅଟକିଯାଇଛି। ଏଥିପ୍ରତି ସରକାର ଦୃଷ୍ଟି ଦିଅନ୍ତୁ।

-ଦୀନବନ୍ଧୁ ପ୍ରଧାନ, କୃଷକ ନେତା, କିଶୋରନଗରର

**ଅଧିକ ଖର୍ଚ୍ଚାନ୍ତ ହେବେ ଚାଷୀ**



"ଧାନ ବିହନ ଦର ବଢାଇ ଦିଆଯାଇଥିବାରୁ ଚାଷୀମାନେ ଅଧିକ ଖର୍ଚ୍ଚାନ୍ତର ସମ୍ମୁଖୀନ ହେବେ। ଯେଉଁ ଚାଷୀ ପୂର୍ବରୁ ବିହନ ରଖିନାହିଁ, ବର୍ତ୍ତମାନ ସେ ସରକାରୀ ବିହନ ପାଇଁ ଅଧିକ ଅର୍ଥ ଦେବ। ସବ୍‌ସିଡି ବ୍ୟବସ୍ଥା ଥିଲେ ବି କିଣିବା ବେଳେ ଏତେ ଟଙ୍କା ଦେବା କଷ୍ଟକର।

-କୁମୁଦିନୀ ସାହୁ, ଠେଲକନାଳି

**ବିନା ମୂଲ୍ୟରେ ବିହନ ଦିଅନ୍ତୁ**



"ପରିବା ଅପେକ୍ଷା ଚାଷୀମାନେ ଧାନ ଚାଷ ଅଧିକ କରିଥାନ୍ତି। ତେଣୁ ସରକାର ବିନାମୂଲ୍ୟରେ ବିହନ, ସାର, କୀଟନାଶକ ଯୋଗାଇ ଦିଅନ୍ତୁ। ଏଥିସହ ସବ୍‌ସିଡି ମାଧମରେ ପାଣି ପମ୍ପ ସହ ବିଭିନ୍ନ ଉପକରଣ ଯୋଗାଣର ସୁବିଧା କରନ୍ତୁ।

-ସୁଶାନ୍ତ ସାହୁ, ତୁରୁଡା

**କୃଷି ବିଭାଗ ସହଯୋଗ କରୁ**



"ଚଳିତବର୍ଷ ଭଲ ଫସଲ ଫଳାଇବା ପାଇଁ ଚାଷୀ ଆଶା ବାନ୍ଧିଛି। ଜଳସେଚନ ବ୍ୟବସ୍ଥା ନ ଥିବା ଅଞ୍ଚଳରେ ବର୍ଷା ଜଳକୁ ଚାଷୀ ଅନାଇ ବସିଛି। ଭଲ ବର୍ଷା ହେଲେ ଭଲ ଫସଲ ଅମଳ ହେବ। ଏ ଦିଗରେ ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଉ।

-କୃଷ୍ଣଚନ୍ଦ୍ର ଦ୍ୱାରୀ, ଇଚ୍ଛାପୁର

## ଟ୍ରକ୍ ମାଲିକ ସଂଘ ପକ୍ଷରୁ ଆମ୍ବୁଲାନ୍ସ ଲୋକାର୍ପଣ



ଆମ୍ବୁଲାନ୍ସ ଲୋକାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

**କଣିହାଁ, ୧୬।୬(ଡି.ଏନ.ଏ.)**

କଣିହାଁ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଗୁରୁବାର ସ୍ୱାସ୍ଥ୍ୟସେବାରେ ସହାୟକ ପାଇଁ ଆମ୍ବୁଲାନ୍ସ ସେବାର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣିହାଁସ୍ଥିତ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଏମ୍‌ସିଏଲ କଣିହାଁ କୋଇଲା ଖଣି ଜିଏମ୍ କିଶୋର କୁମାର ରାଉଳ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ୯ ନଂ. ଜୋନ ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲଙ୍କ ସମେତ ବହୁ ସରପଞ୍ଚ, ସମିତିସଦସ୍ୟ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଟ୍ରକ୍ ମାଲିକ ସଂଘ ସଭାପତି ଶାଶ୍ୱତ ଶାନ୍ତିସ୍ୱରୂପ ପ୍ରଧାନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଉପଲକ୍ଷେ ଅତିଥିମାନେ ଟ୍ରଷ୍ଟ ପରିସରରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସଂଘ ସମ୍ପାଦକ ଆଲୋକ ସାହୁଙ୍କ ସହିତ କାର୍ଯ୍ୟକର୍ତ୍ତା, ସଦସ୍ୟ ତଥା ଟ୍ରକ୍ ମାଲିକମାନେ ଅଂଶଗ୍ରହଣ କରି ସହଯୋଗ କରିଥିଲେ। ଟ୍ରକ୍ ମାଲିକ ସଂଘ ପକ୍ଷରୁ କୁହାଯାଇଛି, ଗୁରୁତର ଚିକିତ୍ସା ସମସ୍ୟାକୁ ନେଇ ଆମ୍ବୁଲାନ୍ସ ସେବା ୨୪ ଘଣ୍ଟିଆ କରାଯିବ। ଅତି ଗରିବ ଓ ଅସହାୟଙ୍କୁ ମାଗଣା ସେବା ଦିଆଯିବ। ଆମ୍ବୁଲାନ୍ସ ସେବା ପାଇବା ପାଇଁ ଖୁବ୍‌ଶୀଘ୍ର ଏକ ଟୋଲ ଫ୍ରି ନମ୍ବର ରିଜିଓନାଲ ଟ୍ରକ ଓନର ଆସୋସିଏଶନ କଣିହାଁ ତରଫରୁ ଘୋଷଣା କରାଯିବ।

## ରୋଜଗାର ଯୋଗାଇବ କୁକୁଡ଼ାଚାଷ



ଟାକୁଆ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ।

**କଣିହାଁ, ୧୬।୬(ଡି.ଏନ.ଏ.)**

କୁକୁଡ଼ା ଚାଷ ଦ୍ୱାରା ଉପକୃତ ସହିତ ରୋଜଗାରକ୍ଷମକୁ ନେଇ ମଙ୍ଗଳବାର କଣିହାଁ ବ୍ଲକ ଟାକୁଆ ଗ୍ରାମଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କଣିହାଁ ସରପଞ୍ଚ ରଞ୍ଜିତା ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଏନ୍‌ଟିପିସି ପ୍ରକଳ୍ପର ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ଏନ୍‌ଟିପିସି ପ୍ରକଳ୍ପ ଦ୍ୱାରା ମହିଳାମାନଙ୍କୁ ଆତ୍ମନିର୍ଭର ପାଇଁ ସାମାଜିକ ଦାୟିତ୍ୱବୋଧ ଯୋଜନାରେ ବିଭିନ୍ନ କିସମର ୨୫ ଲେଖାଏ କୁକୁଡ଼ା, ଚିଆଁ ପ୍ରଦାନ କରାଯାଇଥିଲା। ସେହିପରି ଦାନା ବଣ୍ଟନ ସହିତ ଅଣ୍ଡା ଦିଆଯିବା ଓ ସଂରକ୍ଷଣକୁ ନେଇ ପରାମର୍ଶ ଦିଆଯାଇଥିଲା। ଏ ନେଇ ସାମାଜିକ କର୍ମୀ ଦେବେନ୍ଦ୍ର ବାରିକ କହିଛନ୍ତି, କଣିହାଁ ପଞ୍ଚାୟତ ଅଞ୍ଚଳ ସମସ୍ତ ମହିଳା ଗୋଷ୍ଠୀକୁ ଆଗାମୀଦିନରେ ସାମିଲ କରାଯିବ।

## 'ସବୁ ପଞ୍ଚାୟତରେ ହେଉ ଅମୃତ ସରୋବର'

**ଅନୁଗୋଳ ଅଫିସ, ୧୬।୬**

ଅନୁଗୋଳ ଜିଲା ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଟାଇଁସି ଗ୍ରାମରେ ଅମୃତ ସରୋବର କାର୍ଯ୍ୟ ପରିଦର୍ଶନ କରିଛନ୍ତି ଭାଜପାର ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ। ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣିଙ୍କ ନେତୃତ୍ୱରେ ଯାଇଥିବା ଏହି ଟିମ୍‌ରେ ସଞ୍ଜୀବ ସାହୁ, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା ପହଞ୍ଚି ପୋଖରୀ କାର୍ଯ୍ୟ ତଦାରଖ କରିଥିଲେ। ଏଥିସହ ଅନୁଗୋଳ ଜିଲାର ସମସ୍ତ ପଞ୍ଚାୟତରେ ଡିଏମ୍‌ଏଫ୍ ଫଣ୍ଡରୁ ଅମୃତ ସରୋବର କରାଇବା ପାଇଁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ, ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ବେହେରା, ଜିଲା ସମ୍ପାଦକ ପ୍ରଶାନ୍ତ ନନ୍ଦ, ମଣ୍ଡଳ ସଭାପତି ବିରଜା ଯାନୀ, ପ୍ରଦୀପ ପ୍ରଧାନ, କାଳନ୍ଦୀ ପ୍ରଧାନ, କୃଷ୍ଣ ଦାସ, ଚନ୍ଦ୍ରକାନ୍ତ ଧଳଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ପରିଦର୍ଶନରେ ଯାଇଥିବା ଭାଜପା ପ୍ରତିନିଧିମଣ୍ଡଳୀ।

## ରଜରେ ଜେଏସ୍‌ପିଏଲ୍‌ର ସ୍ୱତନ୍ତ୍ର ପ୍ରତିଯୋଗିତା

**ଅନୁଗୋଳ ଅଫିସ, ୧୬।୬**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ଦାୟିତ୍ୱବୋଧ ଶାଖା ଭାବେ କାର୍ଯ୍ୟ କରୁଥିବା ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ରଜ ପର୍ବ ସ୍ଥାନୀୟ ପାର୍ଶ୍ୱବର୍ତ୍ତୀ ଗ୍ରାମର ଗୋଷ୍ଠୀ ସମୁଦାୟଙ୍କ ସହ ପାଳନ କରାଯାଇଛି। ଫାଉଣ୍ଡେଶନ ପକ୍ଷରୁ ବିଭିନ୍ନ ସୁସଜ୍ଜିତ ଦୋଳି ସାଙ୍ଗକୁ ବାଳିକା ଏବଂ ମହିଳାଙ୍କ ନିମନ୍ତେ ସ୍ୱତନ୍ତ୍ର କ୍ରୀଡାଭିତ୍ତିକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

ଏହି ୩ ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା। ଜେଏସ୍‌ପି ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ ହୃଦୟେଶ୍ୱର ଝା ଗ୍ରାମବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଚଳିତବର୍ଷ ଭଲ ବର୍ଷା ହେଉ ଓ ଭଲ ଫସଲ ହେଉ ବୋଲି କହିଥିଲେ। ସ୍ଥାନୀୟ କିଶୋରୀ, ବାଳିକା, ମହିଳା, ସ୍ଥାନୀୟ ସରପଞ୍ଚ ଏବଂ ଗ୍ରାମର ମୁଖିଆମାନେ ସଂସ୍କୃତି ଏବଂ ପ୍ରଥାକୁ ସମ୍ମାନ ଜଣାଇବା ସହ ଏହି ଉତ୍ସବରେ ସାମିଲ ହୋଇଥିଲେ। ଜରଡା ସରପଞ୍ଚ ରତ୍ନାକର ଦାସ ଜେଏସ୍‌ପିଏଲ୍ ଫାଉଣ୍ଡେଶନର ଏହି ପ୍ରୟାସକୁ ପ୍ରଶଂସା କରିବା ସହ ଏକାଠି ଉତ୍ସବ ପାଳନ କରିବା ଦ୍ୱାରା ଗ୍ରାମବାସୀଙ୍କ ମଧ୍ୟରେ ସଦ୍‌ଭାବ ଏବଂ ଭାଇଚାରା ବଜାୟ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ହୋଇଥିବା ଏହି ରଜ ଉତ୍ସବରେ ୧ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗ ଦେଇଥିଲେ।




ଜେଏସ୍‌ପିଏଲ୍ ପକ୍ଷରୁ ରଜ ପର୍ବ ପାଳନ କରାଯାଉଛି।

# ବାଳିକା ସଶକ୍ତୀକରଣ ମିଶନ ଉଦ୍‌ଯାପିତ

**କଣିହାଁ, ୧୬।୬(ଡି.ଏନ.ଏ.)**

କଣିହାଁ ଏନ୍‌ଟିପିସିଠାରେ ୪ ସପ୍ତାହ ଧରି ଚାଲିଥିବା ବାଳିକା ସଶକ୍ତୀକରଣ ମିଶନ କର୍ମଶାଳା ଗତ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ଶ୍ରୀନିବାସ ରାଓ ଯୋଗଦେଇ କହିଲେ, ଏହି ଅଞ୍ଚଳର ବାଳିକାମାନଙ୍କ ସଶକ୍ତୀକରଣ ପାଇଁ ଜିଇଏମ୍ କର୍ମଶାଳା ଛିଡା ହେବ। ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ଦଳକୁ ପ୍ରଶଂସା କରିଥିଲେ। ଏଥିସହିତ ସମଗ୍ର କଣିହାଁ ଭ୍ରାତୃତ୍ୱ ଏବଂ ଜିଲା ପ୍ରଶାସନକୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ। ବାଳିକା ସଶକ୍ତୀକରଣ ମିଶନ କର୍ମଶାଳା ହେଉଛି ଏନ୍‌ଟିପିସିର ଏକ ଫ୍ଲାଗ୍‌ଶିପ୍ ସିଏସ୍‌ଆର୍ ପଦକ୍ଷେପ। ଯୁବତୀଯୁବକଙ୍କୁ ସେମାନଙ୍କ ସ୍ୱପ୍ନ ଏବଂ ଆକାଂକ୍ଷା ସାକାର କରିବାକୁ ଏହା ସଶକ୍ତ କରୁଛି। କଣିହାଁ ଏନ୍‌ଟିପିସିଠାରେ କର୍ମଶାଳା ପାଇଁ ୨୨ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରାୟ ୧୧୦ ଛାତ୍ରୀଙ୍କୁ ଚୟନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରେଡ୍ ଇଆର-୨ର ଅସୀମ କୁମାର ଗୋସ୍ୱାମୀ ଏବଂ ଭାସୁଧା ମହିଳା ମଣ୍ଡଳ ସଭାପତି ମଞ୍ଜରୀ ଗୋସ୍ୱାମୀ ଯୋଗଦେଇ ଏନ୍‌ଟିପିସି କଣିହାଁର ଉଦ୍ୟମକୁ ପ୍ରଶଂସା କରିଥିଲେ। ଛାତ୍ରୀମାନଙ୍କ ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ଏହି କାର୍ଯ୍ୟକ୍ରମର ପ୍ରଥମ ପଦକ୍ଷେପ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତନଭିସଙ୍ଗମର ସଭାପତି ସ୍ୱର୍ଣ୍ଣଲତା ରାଓ, ସମସ୍ତ ଜିଏମ୍ ଏବଂ ବରିଷ୍ଠ ଅଧିକାରୀ, ୟୁନିୟନ ସଦସ୍ୟ ତଥା ଆସୋସିଏଶନ ସଦସ୍ୟ, ଅଭିଭାବକ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ଚୋରା ମଦ କାରବାର ରୋକିବାକୁ ଗୁରୁତ୍ୱ

**ବଇଣ୍ଡା, ୧୬।୬(ଡି.ଏନ.ଏ.)**

ଅନେକ ଗ୍ରାମରେ ଚୋରା ମଦ କାରବାର ବୃଦ୍ଧି ପାଉଛି। ଠିକ୍ ଭାବେ ଚଢ଼ାଉ କରାଯାଉ ନ ଥିବା ଯୋଗୁ ଅପରାଧ ବଢୁଛି। ମଦର ଚୋରା କାରବାର ରୋକିବା ଉପରେ ପୋଲିସ ଅଧିକ ଗୁରୁତ୍ୱ ଦେଉ ବୋଲି ଗୁରୁବାର ହଣ୍ଡପା ପୋଲିସ ପକ୍ଷରୁ ଲୁହାମୁଣ୍ଡାଠାରେ ଅନୁଷ୍ଠିତ ଆମ ପୋଲିସ ସମିତି ବୈଠକରେ ମତପ୍ରକାଶ ପାଇଛି। ହଣ୍ଡପା ଡିଏସ୍‌ପି ସମ୍ପତ କୁମାର ଦାସଙ୍କ ସଭାପତିତ୍ୱରେ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଲୁହାମୁଣ୍ଡା ସରପଞ୍ଚ କୁମୁନ୍ଦ ଚନ୍ଦ୍ର ସାହୁ, ଗ୍ରାମ ସଭାପତି ବିବେକା ବିଶ୍ୱାଳ, ଯୁବ ବିଜେଡି ବ୍ଲକ ସଭାପତି ଅରୁଣ କୁମାର ସାହୁ, ହଣ୍ଡପା ଥାନା ସେକେଣ୍ଡ ଅଫିସର ସ୍ମୃତିରଞ୍ଜନ ନାୟକ, ଏଏସ୍‌ଆଇ ଚିତ୍ତରଞ୍ଜନ ନାୟକ, ହିମାଂଶୁ ପ୍ରଧାନ, କଳ୍ପତରୁ ସାହୁ, ସୁରେଶ ପ୍ରଧାନ, ଦୁଃଶାସନ ବେହେରା, ସୁଶୀଳ ବିଶ୍ୱାଳ, ଲଳିତ ସାହୁ, ହେମନ୍ତ ସ୍ୱାଇଁ, ହାଡିବନ୍ଧୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ପୋଲିସ ସହ ଗ୍ରାମବାସୀଙ୍କ କିଭଳି ସୁସମ୍ପର୍କ ରହିବ ସେ ନେଇ ଆଲୋଚନା ହୋଇଥିଲା। ସାଇବର କ୍ରାଇମରୁ କିଭଳି ସମସ୍ତେ ଦୂରେଇ ରହିବେ ସେଥିପ୍ରତି ଗ୍ରାମବାସୀ ସଚେତନ ହେବା ପାଇଁ ପରାମର୍ଶ ଦିଆଯାଇଥିଲା।



ବୈଠକରେ ଯୋଗଦେଇଥିବା ଗ୍ରାମବାସୀ।

